



# ୧୯

# ଆମ ସମ୍ବଳ

ମଣିଷର ସମସ୍ତ ପାର୍ଥିବ ଓ ଅପର୍ଥିବ ଆବଶ୍ୟକତା ପୂରଣ କରୁଥିବା ପ୍ରାକୃତିକ ସମ୍ବଳ ଗୁଡ଼ିକ ଈଶ୍ୱର ଦତ୍ତ ଉପହାର । ଅନ୍ୟ ଅର୍ଥରେ କୌଣସି ପଦାର୍ଥ ଯାହା ମୂଲ୍ୟବାନ୍ ଓ ମୂଲ୍ୟବାନ୍ ପାଇଁ ଉପଯୋଗୀ, ତା'କୁ ସମ୍ବଳ କୁହାଯାଏ । ସମ୍ବଳ ଦୁଇପ୍ରକାର । ଭୂମି, ଜଳ, ମୃତ୍ତିକା ଓ ଖଣିଜକୁ ଭୌତିକ ସମ୍ବଳ କୁହାଯାଏ ଏବଂ ଉଦ୍ଭିଦ, ବନ୍ୟପ୍ରାଣୀ ଓ  ମତ୍ସ୍ୟ ଆଦି ଜୈବିକ ସମ୍ବଳର ଅନ୍ତର୍ଭୁକ୍ତ । ବାସ୍ତବରେ ପ୍ରତ୍ୟେକ ପଦାର୍ଥର ମନୁଷ୍ୟ ପାଇଁ କିଛି ନା କିଛି ଉପଯୋଗୀତା ରହିଛି । ମାତ୍ର ଏହାର ଉପଯୋଗ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧତା ସହ ସଂପର୍କୀତ । ଉଦାହରଣ ସ୍ୱରୂପ, କୋଇଲା ଓ ପେଟ୍ରୋଲ ଶହ ଶହ ବର୍ଷଧରି ଭୂଗର୍ଭରେ ଥିଲା । କିନ୍ତୁ ଏମାନଙ୍କର ଉପଯୋଗ ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ ଏବେ ହୋଇଛି । ଏ ସବୁ ପଦାର୍ଥ ଯେତେବେଳେ ବ୍ୟବହାର ଉପଯୋଗୀ ହୁଅନ୍ତି, ତା'କୁ ସମ୍ବଳ କୁହାଯାଏ । ତେଣୁ ମାନବୀୟ କ୍ଷମତା ଓ ଆବଶ୍ୟକତା ହିଁ ସମ୍ବଳର ଉପଯୋଗୀତା ସୃଷ୍ଟିକରେ ।

ଏହି ଅଧ୍ୟାୟରେ ଆମେ ସମ୍ବଳର ମହତ୍ତ୍ୱ, ପ୍ରକାର ଭେଦ, ଉପଯୋଗର ପ୍ରସାର, ଏହାର ବିତରଣ ଓ ସଂରକ୍ଷଣର ବିଭିନ୍ନ ଉପାୟ ସମ୍ବନ୍ଧରେ ପଢ଼ିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ତୁମେମାନେ :

- ସମ୍ବଳର ସଂଜ୍ଞା ନିରୂପଣ କରିପାରିବ;
- ସମ୍ବଳର ପ୍ରାଧାନ୍ୟ ବୁଝାଇ ପାରିବ;
- ଉଦାହରଣ ସହ ବିଭିନ୍ନ ପ୍ରକାର ସମ୍ବଳ ବିଷୟରେ ବର୍ଣ୍ଣନା କରିପାରିବେ;
- ଭାରତରେ ଜୈବିକ ଓ ଅଜୈବିକ ସମ୍ବଳର ବିତରଣ ଚିହ୍ନାଇପାରିବ;
- ସମ୍ବଳର ଅସମାନ ଉପଯୋଗ ଓ ଏହାର ବିତରଣର କାରଣ ବୁଝାଇପାରିବ;
- ସମ୍ବଳ ସଂରକ୍ଷଣ ଉପାୟ ବତାଇ ପାରିବ;
- ଆମର ନୀତି ଓ ଯୋଜନା ଅନୁଯାୟୀ ସମ୍ବଳ ପରିଚାଳନାର ଉପାୟର ମୂଲ୍ୟାଙ୍କନ କରିପାରିବ ।

## 19.1

## ସମ୍ବଳର ଅର୍ଥ ଓ ମହତ୍ତ୍ୱ

ପ୍ରଥମେ କୁହାଯାଇଛି ଯେ ମଣିଷର ଉପଯୋଗରେ ଆସୁଥିବା ପଦାର୍ଥ ହିଁ ସମ୍ବଳ । ସେଗୁଡ଼ିକ ପ୍ରାକୃତିକ ବା ସାଂସ୍କୃତିକ ହୋଇପାରେ । ପ୍ରକୃତିକୁ ଉପଯୋଗ କରିବା ପାଇଁ ମନୁଷ୍ୟ ପ୍ରଯୁକ୍ତି ବିଦ୍ୟାର ବିକାଶ କରିଛି ।



ଟିପ୍ପଣୀ

ପ୍ରାକୃତିକ ପଦ୍ଧତିରେ କୌଣସି ପ୍ରଯୁକ୍ତି ବିଦ୍ୟାର ଲୋକପ୍ରିୟ ପ୍ରୟୋଗ ଏହାକୁ ଏକ ସଭ୍ୟତାରେ ପରିଣତ କରେ, ଯେପରି ଜୀବନଶୈଳୀ ବା ଜୀବନ ନିର୍ବାହ । ଏହି ପ୍ରକାରେ ଏହା ସାଂସ୍କୃତିକ ସମ୍ବଳରେ ପରିଣତ ହୁଏ ।

1. ସମ୍ବଳ ଦେଶର ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ସଦୃଶ । ଭୂମି, ଜଳ, ଜଙ୍ଗଲ, ବାୟୁ ଓ ଖଣିଜ ସମ୍ପଦ ବିନା କୃଷି ଓ ବିନିର୍ମାଣ ଉଦ୍ୟୋଗର ଉନ୍ନତି ଅସମ୍ଭବ ।
2. ଏମାନେ ପ୍ରାକୃତିକ ପରିବେଶ ଯଥା ବାୟୁ, ଜଳ, ଜଙ୍ଗଲ ଓ ବିଭିନ୍ନ ଜୈବ ସମ୍ପଦ ସୃଷ୍ଟି କରନ୍ତି ଯାହା ମାନବୀୟ ଜୀବନ ଓ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।
3. ପ୍ରାକୃତିକ ସମ୍ବଳକୁ ବିନିଯୋଗ କରି ମନୁଷ୍ୟ ନିଜ ପାଇଁ ଘର, ଭବନ, ପରିବହନ ଓ ଯୋଗାଯୋଗ ମାଧ୍ୟମ ଏବଂ ବିନିର୍ମାଣ ଉଦ୍ୟୋଗ ସୃଷ୍ଟିକରିଛି । ଏହି ସାଂସ୍କୃତିକ ସମ୍ବଳ ପ୍ରାକୃତିକ ସମ୍ବଳ ସହ ଅତ୍ୟନ୍ତ ଉପଯୋଗୀ ଏବଂ ମାନବର ବିକାଶ ପାଇଁ ମଧ୍ୟ ଆବଶ୍ୟକ ।

**19.2**

ସମ୍ବଳର ପ୍ରକାର ଭେଦ

(i) ପୁନଃ ନବୀକରଣ (ii) ଉତ୍ପତ୍ତି (iii) ଉପଯୋଗ ଭିତ୍ତିରେ ସମ୍ବଳର ବିଭାଗୀକରଣ କରାଯାଏ । ବର୍ଗୀକରଣର ଉଦ୍ଦେଶ୍ୟ ପ୍ରଥମତଃ ନିର୍ଦ୍ଧାରିତ କରେ କେଉଁ ସମ୍ବଳ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ ହେବ ।

**ଚିତ୍ର ୧୯.୧**





ଟିପ୍ପଣୀ

**(i) ଜୈବ ସମ୍ବଳ :** ପରିବେଶ ଅନ୍ତର୍ଗତ ସମସ୍ତ ଜୀବନ୍ତ ପଦାର୍ଥ ଜୈବ ସମ୍ବଳ ଅନ୍ତର୍ଗତ । ଜଙ୍ଗଲ ଓ ଜଙ୍ଗଲ ଜାତ ପଦାର୍ଥ ଶସ୍ୟ, ପଶୁପକ୍ଷୀ, ମତ୍ସ୍ୟ ଓ ଅନ୍ୟାନ୍ୟ ଜଳଚର ପ୍ରାଣୀ ଆଦି ଜୈବ ସମ୍ବଳର ଉଦାହରଣ । ଏହି ସମ୍ବଳ ନବୀକରଣ ଯୋଗ୍ୟ କାରଣ ଏମାନେ ନିଜକୁ ନିଜେ ପୁନର୍ଜୀବିତ ଓ ପୁନରୁତ୍ପାଦିତ କରିପାରନ୍ତି । କୋଇଲା ଓ ଖଣିଜତୈଳ ଜୈବ ସମ୍ବଳ ହେଲେ ମଧ୍ୟ ନବୀକରଣ ଅଯୋଗ୍ୟ ।

**(ii) ଅଜୈବ ସମ୍ବଳ :** ପରିବେଶ ଅନ୍ତର୍ଗତ ସମସ୍ତ ନିର୍ଜୀବ ପଦାର୍ଥ ଅଜୈବ ସମ୍ବଳ ଅନ୍ତର୍ଗତ । ଉଦାହରଣ ସ୍ୱରୂପ ଭୂମି, ଜଳ, ବାୟୁ, ଲୁହା, ତମ୍ବା, ସୁନା, ରୂପା ପରି ଖଣିଜ ପଦାର୍ଥ ଅଜୈବ ସମ୍ବଳ । ଏମାନେ କ୍ଷୟଶୀଳ ଓ ନବୀକରଣ ଅଯୋଗ୍ୟ । କାରଣ ଏମାନେ ପୁନର୍ଜୀବିତ ବା ପୁନରୁତ୍ପାଦିତ ହୋଇପାରନ୍ତି ନାହିଁ ।

- ମନୁଷ୍ୟର ଆବଶ୍ୟକତା ପୂରଣ କରୁଥିବା ପ୍ରାକୃତିକ ସମ୍ବଳ ଗୁଡ଼ିକ ପ୍ରକୃତିର ଅମୂଲ୍ୟ ଉପହାର । ଉଦାହରଣ ସ୍ୱରୂପ ଭୂମି, ଜଳ ଓ ମୃତ୍ତିକା ଇତ୍ୟାଦି ।
- ମନୁଷ୍ୟ ପାଇଁ ଉପଯୋଗୀ ଓ ମୂଲ୍ୟବାନ୍ ଯେକୌଣସି ପଦାର୍ଥ ସମ୍ବଳ ଅଟେ ।
- ସମ୍ବଳ ପ୍ରାକୃତିକ ପରିବେଶ ସୃଷ୍ଟିକରେ ଯେପରି ବାୟୁ, ଜଳ, ଜଙ୍ଗଲ ଓ ବିଭିନ୍ନ ଜୈବରୂପ ଯାହା ମନୁଷ୍ୟ ଜୀବନଯାପନ ଓ ବିକାଶ ପାଇଁ ଆବଶ୍ୟକ ।
- ଉତ୍ପତ୍ତି, ନବୀକରଣ ଓ ଉପଯୋଗ ଭିତ୍ତିରେ ସମ୍ବଳର ବର୍ଗୀକରଣ କରାଯାଏ ।

## ପାଠଗତ ପ୍ରଶ୍ନ ୧୯.୧

1. ସମ୍ବଳର ସଂଜ୍ଞା ନିରୂପଣ କର ।

___________________________

2. ଉତ୍ପତ୍ତି ଭିତ୍ତିରେ ସମ୍ବଳର ବିଭାଗୀକରଣ କର ।

___________________________

3. ଜୈବ ସମ୍ବଳର ୨ଟି ଉଦାହରଣ ଦିଅ ।

(i) ______________ (ii) ______________

4. ଅଜୈବ ସମ୍ବଳର ୨ଟି ଉଦାହରଣ ଦିଅ ।

(i) ______________ (ii) ______________

5. ନବୀକରଣ ଅଯୋଗ୍ୟ ୨ଟି ଜୈବ ସମ୍ବଳର ନାମ ଲେଖ ।

(i) ______________ (ii) ______________

## 19.3 ଜୈବ ସମ୍ବଳର ଆବଣ୍ଟନ ବା ବିତରଣ

**ଜଙ୍ଗଲ :** ଭୂଗୋଳରେ ଆମେ ଯେତେବେଳେ 'ବିତରଣ' ଶବ୍ଦର ପ୍ରୟୋଗ କରେ, ସେତେବେଳେ ଏହାର ମୁଖ୍ୟ ତାତ୍ପର୍ଯ୍ୟ ଭୌଗୋଳିକ ଘଟଣାର ଭୌଗୋଳିକ ବା ସ୍ଥାନିକ ବିତରଣ ହୋଇଥାଏ । ଅନ୍ୟପକ୍ଷରେ ଜଣେ ସମାଜତତ୍ତ୍ୱବିତ୍‌ଙ୍କ ପାଇଁ ବିତରଣର ଅର୍ଥ ମୁଖ୍ୟତଃ ସମାଜର ବିଭିନ୍ନ ସାମାଜିକ ଶ୍ରେଣୀମାନଙ୍କ ମଧ୍ୟରେ ବିତରଣ ହୋଇଥାଏ ।



ଟିପ୍ପଣୀ

ପୃଥିବୀର ବିଭିନ୍ନ ଘଟଣାର ଭୌଗୋଳିକ ଅଧ୍ୟୟନ ସମୟରେ ଜଣେ ଭୂଗୋଳବିତ୍‌ଙ୍କ ଦୃଷ୍ଟିକୋଣରୁ ପ୍ରଥମ ଓ ମହତ୍ତ୍ୱପୂର୍ଣ୍ଣକାର୍ଯ୍ୟ ହେଉଛି ଏହି ଘଟଣାଗୁଡ଼ିକ ଯଥା ବର୍ତ୍ତମାନ ପରିପ୍ରେକ୍ଷୀରେ ଜଙ୍ଗଲର କ୍ଷେତ୍ରୀୟ ବିଭିନ୍ନତାକୁ ବୁଝିବା ଓ ଏହାର କାରଣ ଅନୁଧ୍ୟାନ କରିବା ।

ବର୍ତ୍ତମାନ ଭାରତର 75.5 ମିଲିୟନ୍ ହେକ୍ଟର ଜମି ଜଙ୍ଗଲ ଆଚ୍ଛାଦିତ, ଯାହା ଭାରତର ମୋଟ୍ କ୍ଷେତ୍ରଫଳର 23% ଅଟେ । ଜଙ୍ଗଲ ବିତରଣରେ ପ୍ରାୟତଃ ୫3% ପାର୍ଥକ୍ୟ ଦେଖାଯାଏ; ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜରେ ୫7% ଜଙ୍ଗଲ ଥିବା ସମୟରେ ହରିୟାନାରେ 4%ଜଙ୍ଗଲ ଅଛି । 'ଜାତୀୟ ଅରଣ୍ୟ ନୀତି' ଅନୁଯାୟୀ ପାରିସ୍ଥିତିକ ଭାରସମ୍ୟ ରକ୍ଷା କରିବା ପାଇଁ ଦେଶରେ 33% ଜଙ୍ଗଲ ରହିବା ଆବଶ୍ୟକ । ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ଆମଦେଶରେ ଜଙ୍ଗଲ ପରିମାଣ 'ଜାତୀୟ ଜଙ୍ଗଲନୀତି' ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡଠାରୁ କମ୍ । ଭାରତରେ ଦେଖାଯାଉଥିବା ଅରଣ୍ୟ, କ୍ରାନ୍ତୀୟ ମୌସୁମୀ ଅରଣ୍ୟ, କଣ୍ଟା ଓ ଗୁଳ୍ମ ଜାତୀୟ ଅରଣ୍ୟ, ଜୁଆରିଆ ଅରଣ୍ୟ ଓ ପାର୍ବତ୍ୟ ଅରଣ୍ୟ ।

**ବନ୍ୟପ୍ରାଣୀ :**

ଭାରତରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ବହୁସଂଖ୍ୟାରେ ଦେଖାଯାଆନ୍ତି । ପୃଥିବୀରେ ଦେଖାଯାଉଥିବା 1.05 ମିଲିୟନ ପ୍ରଜାତି ବନ୍ୟପ୍ରାଣୀ ମାନଙ୍କ ମଧ୍ୟରୁ ପ୍ରାୟ 75000 (7.46%) ଭାରତରେ ଦେଖାଯାଆନ୍ତି ।

ଭାରତରେ 1200 ରୁ ଅଧିକ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ଆସାମ, କେରଳ ଓ କର୍ଣ୍ଣାଟକ ଜଙ୍ଗଲରେ ଦେଖାଯାଉଥିବା ବିଶାଳକାୟ ହାତୀ ଅଛନ୍ତି । ଶୁଷ୍କ ଅଂଚଳରେ ଓଟ ଓ ଗୁଜୁରାଟର କଚ୍ଛ ଉପସାଗର ଅଞ୍ଚଳରେ ଜଙ୍ଗଲି ଗଧ ଦେଖାଯାଆନ୍ତି । ଗୁଜୁରାଟର ଗୀର୍ ଜଙ୍ଗଲରେ ସିଂହ ଦେଖାଯାଆନ୍ତି । ଏକଶିଙ୍ଗା ଗଣ୍ଡା ଆସାମ ଓ ପଶ୍ଚିମବଙ୍ଗ ସନ୍ତସନ୍ତିଆ ଅଂଚଳରେ ଦେଖାଯାଆନ୍ତି । ଏହାଛଡ଼ା ଚୌସିଙ୍ଗା, କୃଷ୍ଣସାର ମୃଗ ପରି ସୁନ୍ଦର ସୁନ୍ଦର ପ୍ରାଣୀମାନେ ଦେଖାଯାଆନ୍ତି । ଏତଦ୍‌ଭିନ୍ନ ବହୁ ପ୍ରଜାତିର ହରିଣ ଓ ମାଙ୍କଡ଼ ମଧ୍ୟ ଭାରତରେ ଅଛନ୍ତି ।

ବିଭିନ୍ନ ପ୍ରକାର ହରିଣ ମଧ୍ୟରେ କାଶ୍ମୀର ମୃଗ, ଚିତଳ, କସ୍ତୁରୀମୃଗ, ସ୍ୱାମ୍ପ ମୃଗ ଓ ପିସୁରୀ ଆଦି ଅନ୍ତର୍ଗତ । ଚିତାବାଘ, ମେଘୁଆ ଚିତା, ହିମ ଚିତା ଆଦି ବିରାଡ଼ି ପରିବାର ଅନ୍ତର୍ଗତ, ହିମାଳୟ ପାର୍ବତ୍ୟାଞ୍ଚଳରେ ଜଙ୍ଗଲି ମେଣ୍ଢା, ପାର୍ବତୀୟ ଛାଗଳ, ଆଇବେକ୍‌ସ, ଚୁଚୁନ୍ଦ୍ରା ପରି ଆକର୍ଷଣୀୟ ଜନ୍ତୁ ମଧ୍ୟ ଦେଖାଯାଆନ୍ତି । ଆମଦେଶରେ ପକ୍ଷୀମାନଙ୍କରେ ଜୀବନ ମଧ୍ୟ ଅନୁରୂପ ଭାବେ ସମୃଦ୍ଧ ଓ ରଙ୍ଗୀନ, 'ମୟୂର' ଆମ ଦେଶର ଜାତୀୟ ପକ୍ଷୀ, ଜଙ୍ଗଲ ଓ ସନ୍ତସନ୍ତିଆ ଅଂଚଳରେ କୁକ୍‌କୁଟ, ପାତିହଂସ, ରାଜହଂସ, ଶୁଆ, ଶାରୀ, ପାରା, ସାରସ, କୋଚିଲା ଖାଇ ଓ ସନ୍‌ବାର୍ଡ଼ ପରି ପକ୍ଷୀ ବହୁଳ ଭାବରେ ଦେଖାଯାଆନ୍ତି । ଏଠାରେ କୋଇଲି ଓ ବୁଲ୍‌ବୁଲ୍ ପରି ଗୀତ ଗାଇବା ପକ୍ଷୀ ମଧ୍ୟ ଭାରତରେ ଦେଖାଯାଆନ୍ତି ।

**ପଶୁସମ୍ପଦ :**

ପୃଥିବୀର ପ୍ରାୟ 57% ମଇଁଷି ଓ 15% ଗାଇଗୋରୁ କେବଳ ଭାରତରେ ହିଁ ଅଛନ୍ତି । ସମଗ୍ର ଭାରତର ପ୍ରାୟ ଦୁଇ ତୃତୀୟାଂଶ ଗାଇଗୋରୁ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼, ବିହାର, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା, କର୍ଣ୍ଣାଟକ ଓ ରାଜସ୍ଥାନରେ ହିଁ ଅଛନ୍ତି । ଭାରତରେ ଥିବା ମେଣ୍ଢାସଂଖ୍ୟାର ଏକ ଚତୁର୍ଥାଂଶ କେବଳ ରାଜସ୍ଥାନରେ ହିଁ ଦେଖାଯାଆନ୍ତି ଏବଂ ଅର୍ଦ୍ଧାଧିକ ଛେଳି ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ଦେଖାଯାଆନ୍ତି ।

କୃଷିକାର୍ଯ୍ୟରେ ନିୟୋଜିତ ପଶୁମାନଙ୍କ ମଧ୍ୟରେ ବଳଦ, ଅଣ୍ଡିରା ମଇଁଷି, ଗାଇ ଆଦି କୃଷକ ସମ୍ପ୍ରଦାୟର ମିତ୍ର ଅଟନ୍ତି । ହଳ କରିବା, ବିହନ ବୁଣିବା, ଧାନପିଟିବା ଓ କୃଷି ଉତ୍ପାଦ ପରିବହନ ପରି କୃଷିକାର୍ଯ୍ୟରେ

ଏମାନଙ୍କୁ ନିୟୋଜିତ କରାଯାଏ । ସବୁଜ ବିପ୍ଳବ କାର୍ଯ୍ୟକାରୀ ହେଉଥିବା ପଶ୍ଚିମ ଭାରତ, ଆନ୍ଧ୍ର ଉପକୂଳ ଓ ତାମିଲନାଡୁ ତଥା ଅନ୍ୟ କେତେକ ଅଂଚଳରେ ଯାନ୍ତ୍ରିକ କୃଷି କରାଯାଉଥିବାରୁ ପଶୁ ନିୟୋଜନ କ୍ରମଶଃ ହ୍ରାସ ପାଇଛି । ଗାଇ ଓ ମଇଁଷି ମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରାଯାଏ । ମେଣ୍ଢାଠାରୁ ପଶମ, ମାଂସ ଓ ଚମଡ଼ା ସଂଗୃହୀତ ହୁଏ । ଛେଳିମାନଙ୍କ ଠାରୁ ଦୁଗ୍ଧ, ମାଂସ, ଲୋମ ଓ ଚମଡ଼ା ମିଳେ । ପର ଓ ଅଣ୍ଡା ପାଇଁ କୁକୁଡ଼ା, ପାତିହଂସ, ରାଜହଂସ ଓ ବତକ ଆଦି ପାଳନ କରାଯାଏ ।

**ମତ୍ସ୍ୟ ସମ୍ପଦ :**

ପ୍ରାୟ 20 ଲକ୍ଷ ବର୍ଗ କିଲୋମିଟର ବ୍ୟାପି ବିଶାଳ ମହାଦ୍ୱୀପୀୟ ଆକାର, ନଦୀ ଓ ହ୍ରଦରୁ ମିଳୁଥିବା ପ୍ରଚୁର ଖାଦ୍ୟ ଉପଯୋଗୀ ମାଛର ସୁଲଭତା, ସାମୁଦ୍ରିକ ସ୍ରୋତ ଓ କୁଶଳୀ ମାଛ ଧରାଳୀମାନଙ୍କ ଯୋଗୁଁ ଆମଦେଶରେ ମତ୍ସ୍ୟ ସମ୍ପଦର ବିକାଶ ହେବାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ସମୁଦ୍ର ଓ ମହାସାଗରରେ ସାମୁଦ୍ରିକ ମାଛଚାଷ ଓ ନଦୀ, ହ୍ରଦ ଓ ଜଳଭଣ୍ଡାର ଆଦିରେ ମଧୁର ମାଛ ଚାଷ କରାଯାଏ ।

ଭାରତରେ 1800 ରୁ ଅଧିକ ପ୍ରଜାତିର ମାଛ ଦେଖାଯାଆନ୍ତି । ଆମ ଦେଶରେ ଚାରିପ୍ରକାର ମାଛଚାଷ ପ୍ରଚଳିତ । ଯଥା:- ସାମୁଦ୍ରିକ ମାଛ ଚାଷ, ଅନ୍ତଃସ୍ଥଳୀୟ ବା ମଧୁର ମାଛଚାଷ, ମୁହାଁଣ ମାଛଚାଷ ଓ ପେରାଲ୍ ମାଛ ଚାଷ । ଭାରତରେ ବାର୍ଷିକ ମତ୍ସ୍ୟ ଉତ୍ପାଦନର 63% କେବଳ ସମୁଦ୍ର ମାଛ, ସେର୍‌ଡାଇନ୍, ମିରିକାଳି, ଚିଙ୍ଗୁଡ଼ି, କ୍ଲୁପିୟଡ଼ସ୍ ଓ ଚାନ୍ଦି ସମୁଦ୍ର ମାଛର ଉଦାହରଣ ।

ଦେଶର ମୋଟ୍ ମତ୍ସ୍ୟ ଉତ୍ପାଦନର 37% ମଧୁର ମାଛ ଅଟେ । ରୋହି, ଭାକୁର, କାଟ୍‌ଲା, କଳାବାସିଲ୍ ଓ ମୃଗଁଳ ଆଦି ମଧୁର ମାଛ । ଦେଶର ମୋଟ୍ ସମୁଦ୍ର ମାଛ ଉତ୍ପାଦନର ୨7% ରୁ ଅଧିକ ଓ ଅନ୍ତଃସ୍ଥଳୀୟ ମାଛ ଉତ୍ପାଦନର 77% ରୁ ଅଧିକ ଅଂଶ କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ଗୁଜୁରାଟ ଭଳି ଉପକୂଳବର୍ତ୍ତୀ ରାଜ୍ୟରୁ ହିଁ ଧରାଯାଏ ।

- ଭାରତରେ ଜଙ୍ଗଲ ପରିମାଣ ମାତ୍ର 23% ଯାହା ଜାତୀୟ ଅରଣ୍ୟ ନୀତି ଦ୍ୱାରା ନିର୍ଦ୍ଧାରିତ ମାନ ଠାରୁ କମ୍ ।
- ଜାତୀୟ ଅରଣ୍ୟ ନୀତି ଅନୁଯାୟୀ ପାରିସ୍ଥିତିକ ସନ୍ତୁଳନ ରକ୍ଷା କରିବାପାଇଁ ଦେଶର ମୋଟ୍ ଭୂ-ଭାଗର ୩୩% ଜଙ୍ଗଲ ରହିବା ଆବଶ୍ୟକ ।
- ଭାରତରେ ପ୍ରାୟ 75,000 ପ୍ରଜାତିର ପଶୁ ଓ 1200 ରୁ ଅଧିକ ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି ।
- ପୃଥିବୀର ମୋଟ୍ ମଇଁଷି ସଂଖ୍ୟାର 57% ଓ ଗାଇଗୋରୁ ସଂଖ୍ୟାର 15% କେବଳ ଭାରତରେ ଦେଖାଯାଆନ୍ତି ।
- ଭାରତରେ 4 ପ୍ରକାର ମାଛ ଚାଷ କରାଯାଏ । ଯଥା :-ସାମୁଦ୍ରିକ, ମଧୁର ଜଳ, ମୁହାଁଣ ଓ ପେରାଲ୍ ମାଛ ଚାଷ ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶାବଳୀ ୧୯.୨

୧. ଭାରତରେ କେତେ ଭାଗ ଜଙ୍ଗଲ ଅଛି ?

___

୨. ସମାନୁପାତିକ ଭାବେ ସର୍ବାଧିକ ଓ ସର୍ବନିମ୍ନ ଜଙ୍ଗଲ ଥିବା ଭାରତର କେନ୍ଦ୍ରଶାସିତ ଅଂଚଳ ଓ ରାଜ୍ୟରା ନାମ ଲେଖ ।

___

୩. ଭାରତରେ ଦେଖାଯାଉଥିବା ଛଅ ପ୍ରକାର ଅରଣ୍ୟର ନାମ ଲେଖ ।

___

୪. ଭାରତରେ କେତେ ପ୍ରଜାତିର ପଶୁ ଦେଖାଯାଆନ୍ତି ?

___

୫. ପୃଥିବୀ ମୋଟ୍ ମଇଁଷି ଓ ଗୋ-ମହିଷାଦି ପଶୁ ସମ୍ପଦରେ ଭାରତର ଅଂଶ କେତେ ?

___

୬. ଭାରତରେ ହେଉଥିବା ୪ପ୍ରକାର ମାଛଧରାର ନାମ ଲେଖ ।

___

## 19.5 ଅଜୈବ ସମ୍ବଳର ବଣ୍ଟନ :

**ଭୂ-ସମ୍ବଳ :** ଭାରତର ମୋଟ୍ କ୍ଷେତ୍ରଫଳ 32, 87, 263ବର୍ଗ କି.ମି । କ୍ଷେତ୍ରଫଳ ଓ ଆୟତନ ଦୃଷ୍ଟିରୁ ଋଷ୍, କାନାଡ଼ା, ଚୀନ୍, ଆମେରିକା, ବ୍ରାଜିଲ୍ ଓ ଇଜିପଟ୍ ପରେ ଭାରତର ସ୍ଥାନ ସପ୍ତମ । ଭାରତର ଏପରି ବିଶାଳ ଆକାର ହିଁ ମୁଖ୍ୟ ସମ୍ବଳ । ଏହାର ମୋଟ୍ ଭୂ-ଭାଗର 30% ପର୍ବତ ଆଚ୍ଛାଦିତ ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟ ଚିରସ୍ରୋତା ନଦୀ, ଅରଣ୍ୟ ଓ ବନ୍ୟପ୍ରାଣୀଙ୍କର ଉତ୍ସ । 43% ଭୂ-ଭାଗ ସମତଳ ଅଂଚଳ, କୃଷିଭୂମି, ଅବଶିଷ୍ଟ 27% ମାଳଭୂମି ଯାହା ଖଣିଜ ପଦାର୍ଥ ପରିପୂର୍ଣ୍ଣ ।

**ଜଳ ସମ୍ବଳ :** ବିଶାଳ ଜଳ ସମ୍ବଳ ହେତୁ ଭାରତ ଅତ୍ୟନ୍ତ ଭାଗ୍ୟଶାଳୀ । ସମ୍ବଳରେ ବିବିଧତା, ହିମବାହ, ନଦୀ, ଭୂ-ଗର୍ଭଜଳ, ବର୍ଷା ଓ ମହାସାଗର ରୂପ ଭୂ-ଆକାରର ବିବିଧତାର ପରିଣାମ ଅଟେ । ଭାରତରେ ବାର୍ଷିକ ହାରାହାରି ବୃଷ୍ଟିପାତର ପରିମାଣ 117 ସେ.ମି । ନଦୀମାନେ ଭୂ-ପୃଷ୍ଠ ଜଳର ମୁଖ୍ୟ ଉତ୍ସ । ମୋଟ୍ ଭୂ-ପୃଷ୍ଠ ଜଳର 60% ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ରରେ ପ୍ରବାହିତ ହୁଏ । ଭାରତର ପୁନର୍ଭରଣ ଯୋଗ୍ୟ ଭୂ-ଗର୍ଭ ଜଳ କ୍ଷମତା 434 ବିଲିୟନ୍ ଘନମିଟର । ଆଜିକାଲି 70%ରୁ ଅଧିକ ଲୋକ ଭୂ-ଗର୍ଭଜଳକୁ ଘରୋଇ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବହାର କରୁଛନ୍ତି । ଜଳସେଚନର ଅର୍ଦ୍ଧାଂଶ ଭୂ-ଗର୍ଭ ଜଳ ଉତ୍ସରୁ ହିଁ କରାଯାଏ ।

**ଖଣିଜ ସମ୍ବଳ :** ଭାରତ ଖଣିଜ ସଂପଦ ପରିପୂର୍ଣ୍ଣ ଏବଂ ଏକ ଶିଳ୍ପୋନ୍ନତ ଦେଶ/ ଔଦ୍ୟୋଗିକ ଶକ୍ତି ହେବାର ସମସ୍ତ କ୍ଷମତା ତା'ର ଅଛି । ଏଠାରେ ଲୁହାପଥର, କୋଇଲା, ଖଣିଜ ତୈଳ, ପ୍ରଚୁର ବକ୍‌ସାଇଟ୍ ଏବଂ ଅଭ୍ର ଖଣି ରହିଛି । ଝାଡ଼ଖଣ୍ଡ, ଓଡ଼ିଶା ଓ ଛତିଶଗଡ଼ରେ ପ୍ରଚୁର ପରିମାଣର ଖଣିଜ ସଂପଦ ପରିପୂର୍ଣ୍ଣ ହୋଇରହିଛି । ଦେଶର ମୋଟ୍ କୋଇଲା ପରିମାଣର ତିନି-ଚତୁର୍ଥାଂଶ ଏହି ରାଜ୍ୟଗୁଡ଼ିକରେ ଗଚ୍ଛିତ ଅଛି । ଭାରତରେ ଲୁହାପଥର, ମାଙ୍ଗାନିଜ, ଅଭ୍ର, ବକ୍‌ସାଇଟ୍ ଓ ତେଜଷ୍କ୍ରୀୟ ଖଣିଜ ମଧ୍ୟ ଉପଲବ୍ଧ ହୁଏ ।

- ଆୟତନ ଦୃଷ୍ଟିରୁ ଭାରତର ସ୍ଥାନ ପୃଥିବୀରେ ସପ୍ତମ ।
- ଭାରତର ବାର୍ଷିକ ହାରାହାରି ବୃଷ୍ଟିପାତର ପରିମାଣ 117 ସେ.ମି. ।
- ଦେଶରେ ଉପଲବ୍ଧ ଭୂ-ପୃଷ୍ଠ ଜଳର 60% ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀରେ ପ୍ରବାହିତ ହୁଏ ।
- ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶାରେ ପ୍ରଚୁର ପରିମାଣରେ ଲୁହାପଥର, ବକ୍‌ସାଇଟ୍ ଓ ଅଭ୍ର ଗଚ୍ଛିତ ଅଛି ।





ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୯.୩

1. ଆୟତନ ଦୃଷ୍ଟିରୁ ଭାରତ ପୃଥିବୀରେ କେଉଁ ସ୍ଥାନ ଅଧିକାର କରିଛି ?

   ______________________________

2. ଭାରତର ବାର୍ଷିକ ହାରାହାରି ବୃଷ୍ଟିପାତ ପରିମାଣ କେତେ ?

   ______________________________

3. ଭାରତରେ ଭୂ-ପୃଷ୍ଠ ଜଳର ୬୦% ଜଳ ପ୍ରବାହିତ ହେଉଥିବା ତିନୋଟି ନଦୀର ନାମ ଲେଖ ।

   ______________________________

4. ସର୍ବାଧିକ ଖଣିଜ ସଂପଦ ଗଚ୍ଛିତ ଥିବା ତିନୋଟି ରାଜ୍ୟର ନାମ ଲେଖ ।

   ______________________________

## 19.5 ସମ୍ବଳ ବିନିଯୋଗ

ନିଜର ଆବଶ୍ୟକତା ପୂରଣ କରିବା ପାଇଁ ମଣିଷ ବହୁପୁରାତନ କାଳରୁ ସମ୍ବଳକୁ ବ୍ୟବହାର କରିଆସୁଛି । ଏହାକୁ 'ସମ୍ବଳ ବିନିଯୋଗ' କୁହାଯାଏ । ମଣିଷ ନିଜର ବୁଦ୍ଧି ଓ କାରିଗରୀ ଜ୍ଞାନକୌଶଳ ଦ୍ୱାରା ନିଷ୍କ୍ରିୟ ଉପାଦାନକୁ ବ୍ୟବହାର ଉପଯୋଗୀ କରିଛି । ତେଣୁ ମଣିଷ ହିଁ ସମ୍ବଳର ସୃଷ୍ଟିକର୍ତ୍ତା । ନିଷ୍କ୍ରିୟ ଉପାଦାନକୁ ମୂଲ୍ୟବାନ୍ ସମ୍ବଳରେ ପରିଣତ କରିବା ପାଇଁ ମଣିଷ ସଂସ୍କୃତିର ସହାୟତା ନେଇଥାଏ । ସମସ୍ତ ପ୍ରକାର ଉପକରଣ, ମେସିନ୍, ପରିବହନ ଓ ଯୋଗାଯୋଗ ମାଧ୍ୟମ, ଉତ୍ତମ ପରିଚାଳନା, ସାମୂହିକ ସହଯୋଗ, ମନୋରଞ୍ଜନ, ବୌଦ୍ଧିକ କାର୍ଯ୍ୟ, ଶିକ୍ଷା ପ୍ରଶିକ୍ଷଣ, ଉନ୍ନତ ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥା ସଂସ୍କୃତିର ଅନ୍ତର୍ଭୁକ୍ତ ।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ମନୁଷ୍ୟର କ୍ଷମତା ଓ ଯୋଗ୍ୟତା ବୃଦ୍ଧି ପାଇଛି । ଯାହା ଫଳରେ ଉତ୍ପାଦନ ଉଦ୍ଦେଶ୍ୟରେ ସମ୍ବଳର ସୁବ୍ୟବହାର ହୋଇପାରୁଛି । ଉଦାହରଣ ସ୍ୱରୂପ ଆମେରିକା ଓ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ପାଖରେ ଉନ୍ନତ ପ୍ରଯୁକ୍ତି ବିଦ୍ୟାଦ୍ୱାରା ସମ୍ବଳର ସୁବିନିଯୋଗ ଯୋଗୁଁ ବିକଶିତ ଅର୍ଥନୈତିକ ଅର୍ଥବ୍ୟବସ୍ଥା ରହିଛି । ଅନ୍ୟ ପକ୍ଷରେ ଆଫ୍ରିକା, ଏସିଆ ଓ ଲାଟିନ୍ ଆମେରିକାର କେତେକ ଦେଶରେ ପ୍ରଚୁର ସମ୍ବଳ ଥାଇ ମଧ୍ୟ, ଏମାନେ ବିକଶିତ ନୁହଁନ୍ତି । କାରଣ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ଏହି ଦେଶଗୁଡ଼ିକ ପଛୁଆ ।

ଟିପ୍ପଣୀ

## 19.6 ଭାରତରେ ସମ୍ବଳ ବିନିଯୋଗର ସୀମା

ଆମ ଦେଶର ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ ପ୍ରାକୃତିକ ସମ୍ବଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପୃଥିବୀରେ କୃଷି ପ୍ରଧାନ ଦେଶମାନଙ୍କ ମଧ୍ୟରେ ଭାରତ 2ୟ ସ୍ଥାନ ଅଧିକାର କରିଛି । କାରଣ ଭାରତରେ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ବିବିଧ ଜଳବାୟୁ ଅବସ୍ଥା ଅନୁଭୂତ ହୁଏ । ଭାରତର ବିଶାଳ ଖଣିଜ ସମ୍ପଦ ଯୋଗୁଁ ଏହାର ଔଦ୍ୟୋଗିକ ବିକାଶ ସମ୍ଭବ ହୋଇଛି । ସମ୍ବଳର ଅଧାରଣୀୟ ଉପଯୋଗ ହେତୁ ପରିବେଶୀୟ ଓ ପାରିସ୍ଥିତିକ ଭାରସମ୍ୟ ନଷ୍ଟ ହେବାର ଲାଗିଛି । ସମ୍ବଳର ଉପଯୋଗ ସାମାଜିକ ଲାଭ ବୃଦ୍ଧି କରାଇବା ବଦଳରେ ଉତ୍ପାଦନ ଓ ଲାଭ ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ କରାଯାଇଛି । ମୃତ୍ତିକା କ୍ଷୟ, ଜଙ୍ଗଲ କ୍ଷୟ, ମାତ୍ରାଧିକ ଚାରଣ ତଥା ଜଙ୍ଗଲର ଅଯତ୍ନ ପରିଚାଳନା ଯୋଗୁଁ ଅମୂଲ୍ୟ ସମ୍ବଳ 'ଭୂମି' ନଷ୍ଟ ହେବାରେ ଲାଗିଛି । ଉତ୍ତର-ପୂର୍ବ ଭାରତର ଝୁମ ଚାଷପରି ଅବୈଜ୍ଞାନିକ କୃଷି ପଦ୍ଧତି ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ସହିତ ମାତ୍ରାଧିକ ଜଳସେଚନର ପରିମାଣ ସ୍ୱରୂପ ମୃତ୍ତିକାର ଉର୍ବରତା ହ୍ରାସ ପାଇବା ସହ ଜଳଧାରଣ କ୍ଷମତା ଓ ଲବଣତା ସମସ୍ୟା ସୃଷ୍ଟି ହୁଏ ।

ଦ୍ରୁତ ଜନସଂଖ୍ୟା ବୃଦ୍ଧିର ଚାପଯୋଗୁଁ ଉପଲବ୍ଧ ଜଳ ସମ୍ବଳର ଶୋଷଣ ହେବାରେ ଲାଗିଛି । ତେଣୁ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ପ୍ରଯୁକ୍ତି ବିଦ୍ୟାର ଅଭାବ ହେତୁ ବାର୍ଷିକ ପ୍ରବାହିତ ନଦୀଜଳର ମାତ୍ର 37% ଏବଂ ସମପରିମାଣର ଭୂ-ଗର୍ଭଜଳ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁଛି ।

ସ୍ୱାଧିନତା ପ୍ରାପ୍ତିପରେ ସାମୁଦ୍ରିକ ମାଛ ଚାଷ ଫଳରେ ପାରମ୍ପରିକ ମାଛ ବ୍ୟବସାୟ ମତ୍ସ୍ୟ ଉଦ୍ୟୋଗରେ ପରିଣତ ହୋଇଛି । ବର୍ତ୍ତମାନ ଭାରତ ପ୍ରାୟତଃ 55 ପ୍ରକାର ସାମୁଦ୍ରିକ ଉତ୍ପାଦ ଦକ୍ଷିଣ ଏସିଆ, ୟୁରୋପୀୟ ଦେଶ ସମୂହ ଓ ଆମେରିକାକୁ ରପ୍ତାନୀ କରୁଛି ।

- ବହୁ ପୁରାତନ କାଳରୁ ମଣିଷ ନିଜର ଭୌତିକ ଓ ଆତ୍ମିକ ଆବଶ୍ୟକତା ପୂରଣ ପାଇଁ ସମ୍ବଳକୁ ବ୍ୟବହାର କରିଆସୁଛି । ଏହାକୁ ସମ୍ବଳ ବିନିଯୋଗ କୁହାଯାଏ ।
- ମୃତ୍ତିକା କ୍ଷୟ, ଜଙ୍ଗଲ ହ୍ରାସ ଓ ମାତ୍ରାଧିକ ଚାରଣ ଯୋଗୁଁ ମୂଲ୍ୟବାନ୍ ସମ୍ବଳ ଅବକ୍ଷୟ ଆଶଙ୍କାରେ ଘେରି ରହିଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୯.୪

1. 'ସମ୍ବଳ ବିନିଯୋଗ' କହିଲେ କ'ଣ ବୁଝ ?

______________________

2. ଭୂ-ଅବକ୍ଷୟର ୪ଟି କାରଣ ଲେଖ ।

______________________





3. ଭାରତୀୟ ନଦୀର ବାର୍ଷିକ ହାରାହାରି ପ୍ରବାହିତ ଜଳର କେତେ ଭାଗ ବ୍ୟବହାର ଉପଯୋଗୀ ହୋଇପାରୁଛି ?

_______________________________________________

4. ଭାରତରେ ଭୂ-ଗର୍ଭ ଜଳର କେତେ ଶତକଡ଼ା ବ୍ୟବହାର ହୋଇପାରୁଛି ?

_______________________________________________

## 19.7 ସମ୍ପଳ ସଂରକ୍ଷଣ

ସମ୍ପଳର ଅପବ୍ୟୟ, ଦୁରୁପଯୋଗ ଓ ମାତ୍ରାଧିକ ଉପଯୋଗକୁ ବାଦ୍ ଦେଇ ବିବେକପୂର୍ଣ୍ଣ ଓ ଯୋଜନାବଦ୍ଧ ଉପଯୋଗ ସହ ଏହାର ପୁନଃ ଉପଯୋଗକୁ ସମ୍ପଳ ସଂରକ୍ଷଣ କୁହାଯାଏ ।

ସମ୍ପଳ କ୍ଷୟ ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ବଡ଼ ଚିନ୍ତାଜନକ ବିଷୟ । ଉତ୍ପାଦନର ଚରମ ସୀମାରେ ପହଞ୍ଚିବା ଲକ୍ଷ୍ୟରେ ଆମେ ଆଗାମୀ ପୀଢ଼ିର ସମ୍ପତ୍ତିକୁ ବ୍ୟବହାର କରିବାରେ ଲାଗିଛୁ । ପ୍ରକୃତରେ ପୋଷଣୀୟ ବିକାଶର ଧାରଣା ଅନୁଯାୟୀ ସମ୍ପଳ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ସମ୍ପତ୍ତିକ ଯାହାକୁ ମନୁଷ୍ୟ ସମାଜର ଗୋଟିଏ ପୀଢ଼ି ତା'ର ପର ପୀଢ଼ିକୁ ହସ୍ତାନ୍ତରିତ କରିଥାଏ । ନବୀକରଣ ଅଯୋଗ୍ୟ ସମ୍ପଳଗୁଡ଼ିକ କିଛି ଦିନପରେ ସରିଯାଇପାରନ୍ତି । ତେଣୁ ଜନସଂଖ୍ୟା ବୃଦ୍ଧି ଓ ସମ୍ପଳ ଉପଯୋଗ ମଧ୍ୟରେ ଏକ ସନ୍ତୁଳନ ଭାବ ରହିବା ଆବଶ୍ୟକ । ଅବଶ୍ୟ ଏ ପ୍ରକାର ସନ୍ତୁଳନ ସ୍ଥାନ ଓ ସମୟ ଅନୁଯାୟୀ ଭିନ୍ନ । ନିଃସନ୍ଦେହ ଭାବେ ଆମକୁ କୌଣସି ଅଞ୍ଚଳ ବା ଦେଶର ଜନସଂଖ୍ୟା ଓ ସମ୍ପଳ ମଧ୍ୟରେ ସ୍ଥିତିଶୀଳ ବଦଳରେ ଗତିଶୀଳ ସନ୍ତୁଳନକୁ ଦେଖିବାକୁ ପଡ଼ିବ । ଏ ଦୁଇଟି ମଧ୍ୟରୁ ଯଦି କୌଣସିଟି ଅସନ୍ତୁଳିତ ହୁଏ, ତେବେ ଆମର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶର ଧାରା ବାଧାପ୍ରାପ୍ତ ହେବ । ତେଣୁ ଅସନ୍ତୁଳନ ଭାବ ସୃଷ୍ଟି ନହେବା ପାଇଁ ଯୋଜନାମୂଳକ ଭାବେ ସମ୍ପଳକୁ ଉପଯୋଗ କରିବା ଉଚିତ ।

## 19.8 ସମ୍ପଳ ସଂରକ୍ଷଣର ଉପାୟ :

1. ସମ୍ପଳ ସଂରକ୍ଷଣ ବିଷୟରେ ଜନ ସଚେତନତା ସୃଷ୍ଟି ହେବା ଜରୁରୀ । ସମ୍ପଳର ବହୁଳ ବିନାଶର କୁପରିଣତି ବିଷୟରେ ସଚେତନତା ରହିବା ଆବଶ୍ୟକ ।
2. ବନୀକରଣ : ଅପରିପକ୍ୱ ବୃକ୍ଷ କାଟିବାରୁ ନିବୃତ୍ତ କରିବା ଏବଂ ବୃକ୍ଷରୋପଣ ତଥା ବୃକ୍ଷର ଯତ୍ନ ବିଷୟରେ ଜନସଚେତନତା ସୃଷ୍ଟିକରି ଅରଣ୍ୟ ସଂରକ୍ଷଣ କରାଯାଇପାରିବ ।
3. ପାର୍ବତ୍ୟ ଅଞ୍ଚଳରେ ସୋପାନ ପ୍ରଣାଳୀରେ ଚାଷ, ସମୋଚ୍ଚ ରେଖା ଅନୁରୂପ ଚାଷ, ଝୁମଚାଷ ନିୟନ୍ତ୍ରଣ, ଅତ୍ୟଧିକ ଚାରଣ ତଥା ଅବନାଳିକା ବନ୍ଦକରି ମୃତ୍ତିକା ସଂରକ୍ଷଣ କରାଯାଇପାରିବ ।
4. ବନ୍ଧ ନିର୍ମାଣ ଦ୍ୱାରା ବର୍ଷାଜଳ ସଂରକ୍ଷଣ, ସିଞ୍ଚା ଜଳସେଚନ ଉପାୟ ବ୍ୟବହାର, ଔଦ୍ୟୋଗିକ ଓ ଘରୋଇ ବ୍ୟବହାର ପାଇଁ ନଳର ପୁନଃଚକ୍ରଣ ଅମୂଲ୍ୟ ଜଳ ସଂପଦ ସଂରକ୍ଷଣରେ ସହାୟକ ହେବ ।
5. ଖଣିଜ ସମ୍ପଦ ନବୀକରଣ ଅଯୋଗ୍ୟ ସମ୍ପଳ ଅଟେ । ତେଣୁ କୁଶଳ ଉପଯୋଗ, ଖଣିଜ ଉତ୍ତୋଳନ ଓ ବିଶୁଦ୍ଧିକରଣର ଆଧୁନିକ ଉପାୟର ବିକାଶ ଖଣିଜର ପୁନଃଚକ୍ରଣ ଓ ଖଣିଜ ପଦାର୍ଥ ବଦଳରେ କୃତ୍ରିମ ପଦାର୍ଥ ବ୍ୟବହାର ଦ୍ୱାରା ସମ୍ପଳ ସଂରକ୍ଷଣ କରାଯାଇପାରିବ ।





6. ଶକ୍ତିର ପାରମ୍ପାରିକ ଉତ୍ସକୁ ରକ୍ଷା କରିବା ପାଇଁ ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତି ଭଳି ଅଣପାରମ୍ପାରିକ ଶକ୍ତିର ବିକାଶ ତଥା ବ୍ୟବହାର କରିବା ଉଚିତ୍ ।

- ସମ୍ବଳର ଅପବ୍ୟୟ, ଦୂରୁପଯୋଗ ତଥା ମାତ୍ରାଧିକ ବ୍ୟବହା ନକରି ବିବେକପୂର୍ଣ୍ଣ ତଥା ଯୋଜନା ଭିତ୍ତିକ ପୁନଃ ଉପଯୋଗକୁ ସମ୍ବଳ ସଂରକ୍ଷଣ କହନ୍ତି ।
- ସମ୍ବଳ ସଂରକ୍ଷଣ ବିଷୟରେ ଜନ ସଚେତନତା ସୃଷ୍ଟି ହେବା ଅତ୍ୟନ୍ତ ଆବଶ୍ୟକ ।
- ନବୀକରଣ ଅଯୋଗ୍ୟ ସଂପଦର ସଂରକ୍ଷଣ ତଥା ସର୍ବାଧିକ ଉଚିତ୍ ଉପଯୋଗ କରିବା ନିହାତି ଆବଶ୍ୟକ ।

## ପାଠ୍ୟଗତ ପ୍ରଶ୍ନ ୧୯.୫

୧. ସମ୍ବଳ ସଂରକ୍ଷଣ କହିଲେ କ'ଣ ବୁଝ ?

୨. ବର୍ତ୍ତମାନ ସବୁଠାରୁ ଚିନ୍ତାର ବିଷୟ କ'ଣ ?

୩. ଜଳ ସଂରକ୍ଷଣ ସିଞ୍ଚନର କେଉଁ ଉପାୟ ଅବଲମ୍ବନ କରିବା ଉଚିତ୍ ?

୪. ପାର୍ବତ୍ୟାଞ୍ଚଳରେ କେଉଁ ପ୍ରକାର କୃଷି କରିବା ଉପଯୁକ୍ତ ?

୫. ଅରଣ୍ୟ ସଂରକ୍ଷଣର ଦୁଇଟି ଉପାୟର ନାମ ଲେଖ ।

୬. ନବୀକରଣ ଯୋଗ୍ୟ ଶକ୍ତିର ଉତ୍ସଗୁଡ଼ିକର ନାମ ଲେଖ ।

## 19.9 ସମ୍ବଳ ସଂରକ୍ଷଣର ନୀତି :

'ପରିବେଶ ସୁରକ୍ଷା' ସଚେତନତାର ବିକାଶ ଦେଶପାଇଁ ସମ୍ବଳର କୁଶଳ ଉପଯୋଗ ମହତ୍ତ୍ୱପୂର୍ଣ୍ଣ ଅଟେ । ନୂତନ ସମ୍ବଳର ଅନ୍ୱେଷଣ, କମ୍ ପରିମାଣର ବର୍ଜ୍ୟବସ୍ତୁ ସୃଷ୍ଟିକରିବାର ଉପାୟ ଓ ନବୀକରଣ ଅଯୋଗ୍ୟ ସମ୍ବଳର ସଂରକ୍ଷଣ ପାଇଁ ଆମକୁ ଗବେଷଣା ଓ ବିକାଶ ପ୍ରତି ଯତ୍ନବାନ୍ ହେବାକୁ ପଡ଼ିବ । ଜୈବ ଓ ଅଜୈବ ସମ୍ବଳର ସଂରକ୍ଷଣ ପାଇଁ ଭାରତ ସରକାର ନିମ୍ନଲିଖିତ ନୀତି ଓ ଯୋଜନା ପ୍ରଣୟନ କରିଛନ୍ତି ।

1. 1980 ମସିହାରେ ଜଙ୍ଗଲ ଓ ପରିବେଶ ଉପରେ ପ୍ରାଧାନ୍ୟ ଦେବାପାଇଁ ପରିବେଶ ମନ୍ତ୍ରାଳୟ ଗଠନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ରାଜ୍ୟ ଜଙ୍ଗଲ ଓ ପରିବେଶ ସ୍ୱାଧିନ ମନ୍ତ୍ରାଳୟ ଗଠନ କରିଛନ୍ତି ।

2. ଦେଶର ତତ୍‌କାଳୀନ ଆବଶ୍ୟକତା ଅନୁଯାୟୀ ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ବିକାଶ ପାଇଁ ଜାତୀୟ ଅରଣ୍ୟ ନୀତି1950 କୁ 1988 ମସିହାରେ ସଂଶୋଧନ କରାଯାଇଛି । ଏହି ନୂତନ ନୀତି ଅନୁସାରେ ସବୁଜ କ୍ଷେତ୍ର ବୃଦ୍ଧି ଅର୍ଥାତ୍ ଜଙ୍ଗଲ ପରିମାଣ ବୃଦ୍ଧି ଓ ଜାଳେଣି କାଠର ଉତ୍ପାଦନ ଓ ଯୋଗାଣ ନିମନ୍ତେ ସାମାଜିକ ବନୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି ।
3. ଭୂ-ସମ୍ପଦର ସଂରକ୍ଷଣ ଓ ଏହାର ସୁବିନିଯୋଗ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ 1983 ମସିହାରେ ରାଷ୍ଟ୍ରୀୟ ଭୂମି ଉପଯୋଗ ଓ ସଂରକ୍ଷଣ ବୋର୍ଡ଼ ଗଠନ କରାଯାଇଥିଲା । 1985 ମସିହାରେ ଏହି ବୋର୍ଡ଼ର ପୁନର୍ଗଠନ କରାଯାଇଛି ।
4. ଜଳସେଚନ, ଜଳ ବିଦ୍ୟୁତ୍ ଉତ୍ପାଦନ, ନୌଚାଳନା, ଔଦ୍ୟୋଗିକ ଓ ଅନ୍ୟାନ୍ୟ ଉପଯୋଗ ବ୍ୟତୀତ ପାନୀୟ ଜଳ ଉପରେ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ 1987 ମସିହାରେ ଜାତୀୟ ଜଳନୀତି ଗୃହୀତ ହୋଇଛି ।
5. 1990 ମସିହାରେ ପ୍ରଣୀତ ଜାତୀୟ ଖଣିଜ ନୀତି ଅନୁଯାୟୀ ଘରୋଇ ଓ ବୈଦେଶିକ ଉଦ୍ୟୋଗମାନେ ଖଣିଜ ଉତ୍ତୋଳନ ଓ ରପ୍ତାନୀରେ ପୁଞ୍ଜି ନିବେଶ କରିପାରିବେ । କେନ୍ଦ୍ରୀୟ ଖଣି ମନ୍ତ୍ରାଳୟ ଅନ୍ତର୍ଗତ ପ୍ରାଧିକରଣକୁ ଏହା ଖଣିଜ ଉତ୍ତୋଳନ ପାଇଁ ପୁଞ୍ଜିନିବେଶ ଏବଂ ଅନୁମତି ପାଇଁ ଅନୁମତି ପ୍ରଦାନ କରେ ।
6. ନୂତନ କୃଷି ନୀତିରେ ପରିବେଶ ମିତ୍ରତା ଓ ପରିବେଶ ଉପଯୋଗୀ କୃଷି ପ୍ରଣାଳୀ : ବାଇଓ ଟେକ୍‌ନୋଲୋଜି ଆଦିକୁ ପ୍ରୋତ୍ସାହିତ କରାଯାଇଛି ।

- ଜଙ୍ଗଲ ସୁରକ୍ଷା ଓ ବିକାଶ ପାଇଁ ଜାତୀୟ ଅରଣ୍ୟ ନୀତି ପ୍ରବର୍ତ୍ତନ କରାଯାଇଛି ।
- ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ଜାତୀୟ ଜଳନୀତି ଗୃହୀତ ହୋଇଛି ।
- ନୂତନ କୃଷି ନୀତିରେ 'ବାଇଓଟେକ୍‌ନୋଲୋଜି' ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

## ପାଠ୍ୟଗତ ପ୍ରଶ୍ନ ୧୯.୬

1. କେଉଁ ମସିହାରେ 'ଜାତୀୟ ଅରଣ୍ୟ ନୀତି' ସଂଶୋଧିତ ହେଲା ?

_______________________________________________

2. କେଉଁ ମସିହାରେ 'ଜାତୀୟ ଜଳନୀତି' ଗୃହୀତ ହୋଇଛି ?

_______________________________________________

3. ନୂତନ କୃଷି ନୀତିର ପ୍ରମୁଖ ଉଦ୍ଦେଶ୍ୟ କ'ଣ ଥିଲା ?

_______________________________________________

## ତୁମେ କ'ଣ ଶିଖିଲ

ମନୁଷ୍ୟର ଭୌତିକ ତଥା ଆତ୍ମିକ ଆବଶ୍ୟକତା ପୂରଣ କରୁଥିବା ପ୍ରାକୃତିକ ସମ୍ପଦ ଈଶ୍ୱର ପ୍ରଦତ୍ତ ଉପହାର ଅଟେ । ପୃଥିବୀରେ ଉପଲବ୍ଧ ଯେକୌଣସି ପଦାର୍ଥ ଯେତେବେଳେ ଉପଯୋଗ ହୁଏ, ତା'କୁ ସମ୍ପଦ କହନ୍ତି । ତେଣୁ ମନୁଷ୍ୟର କ୍ଷମତା ଓ ଆବଶ୍ୟକତା ସମ୍ପଦ ମୂଲ୍ୟ ଉତ୍ପନ୍ନ କରେ । ଦେଶର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ । ମଣିଷର

ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ବାୟୁ, ଜଳ, ଜଙ୍ଗଲ ଓ ଜୀବଜଗତ ପରି ଉପାଦାନରେ ସୃଷ୍ଟି ପ୍ରାକୃତିକ ପରିବେଶକୁ ସୃଷ୍ଟିକରେ । ସମ୍ବଳ ହିଁ ଅର୍ଥନୈତିକ କ୍ଷମତା ଓ ପ୍ରଗତିର ଆଧାର ।

ଉତ୍ପତ୍ତି ଅନୁଯାୟୀ ସମ୍ବଳ ଦୁଇ ପ୍ରକାର- ଜୈବିକ ଓ ଅଜୈବିକ । ଜଙ୍ଗଲ, ଜଙ୍ଗଲଜାତ ଦ୍ରବ୍ୟ, ଫସଲ, ପଶୁ, ପକ୍ଷୀ, ମତ୍ସ୍ୟ ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ଆଦି ଜୈବ ସମ୍ବଳ ଅନ୍ତର୍ଗତ । ଭୂମି, ଜଳ, ବାୟୁ, ଖଣିଜ ପଦାର୍ଥ ଆଦି ଅଜୈବ ସମ୍ବଳ ଅନ୍ତର୍ଗତ ।

ଭାରତର ମୋଟ୍ କ୍ଷେତ୍ରଫଳର ପ୍ରାୟ 23% ଭୂମି ଜଙ୍ଗଲ ଆଚ୍ଛାଦିତ । ଏଠାରେ ପ୍ରାୟ 75,000 ପ୍ରଜାତିର ପଶୁ ଦେଖାଯାଆନ୍ତି । ଜଳବାୟୁରେ ଭିନ୍ନତା ଓ ଦୀର୍ଘ ଫସଲ ଉତ୍ପାଦନ ଋତୁ ଯୋଗୁଁ ଆମ ଦେଶରେ ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ହୋଇପାରୁଛି । ପୃଥିବୀର 57% ମଇଁଷି ଓ 15% ଗାଈଗୋରୁ ଭାରତରେ ହିଁ ଅଛନ୍ତି । ଏତଦ୍ ବ୍ୟତୀତ ବିଶାଳ ଦନ୍ତୁରିତ ଉପକୂଳ ଯୋଗୁଁ ଭାରତରେ ମାଛ ଚାଷର ବିକାଶ ହୋଇପାରିଛି । ଭାରତର ବିଶାଳ ଆକାର ହିଁ ସର୍ବଶ୍ରେଷ୍ଠ ମହତ୍ତ୍ୱପୂର୍ଣ୍ଣ ସମ୍ବଳ ଅଟେ । ବୃହଦ୍ ଜଳ ସମ୍ବଳ, ଭୂ-ଗର୍ଭ ଜଳ, ଭୂ-ପୃଷ୍ଠ ଜଳ ବର୍ଷା ଓ ମହାସାଗର ରୂପରେ ଉପଲବ୍ଧ । ଆମ ଦେଶ ଖଣିଜ ସମ୍ପଦ ଦୃଷ୍ଟିରୁ ମଧ୍ୟ ସଂପନ୍ନ ଅଟେ । ସମ୍ବଳର ଯୋଜନାବଦ୍ଧ ସୁବିନିଯୋଗକୁ ସମ୍ବଳ ସଂରକ୍ଷଣ କୁହାଯାଏ । ସମ୍ବଳର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି ହେବା ଅତ୍ୟନ୍ତ ଜରୁରୀ । ବୃକ୍ଷରୋପଣ, ସୋପାନ ପ୍ରଣାଳୀ ଚାଷ, ଜଳସେଚନର ଆଧୁନିକ ଉପାୟ ଅବଲମ୍ବନ, ଖଣିଜର ସମ୍ପଦର ସୁବିନିଯୋଗ, ଶକ୍ତି ଅଣପାରମ୍ପାରିକ ଉତ୍ସ ଉପଯୋଗ ଦ୍ୱାରା ସମ୍ବଳ ସଂରକ୍ଷଣ କରାଯାଇପାରିବ ।

ସମ୍ବଳ ସଂରକ୍ଷଣ ପାଇଁ ସରକାର କେତେକ ଉପାୟ ଗ୍ରହଣ କରିଛନ୍ତି । ସମ୍ବଳ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ କେତେକ ନୀତି ଓ ଯୋଜନା ଗୃହୀତ ତଥା କାର୍ଯ୍ୟକାରୀ ହେଉଛି । ଜାତୀୟ ଅରଣ୍ୟ ନୀତି, ଜାତୀୟ ଜଳ ନୀତି, ଜାତୀୟ ଖଣିଜ ନୀତି, କୃଷି ନୀତି, ଜାତୀୟ ଭୂ-ଉପଯୋଗ ଓ ସଂରକ୍ଷଣ ବୋର୍ଡ଼ ଗଠନ ଆଦି ଏହାର ମୁଖ୍ୟ ଉଦାହରଣ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

1. ସମ୍ବଳ କ'ଣ ଓ ସମ୍ବଳ ଆମ ପାଇଁ କିପରି ଉପଯୋଗୀ ବର୍ଣ୍ଣନା କର ।
2. ଜୈବିକ ଓ ଅଜୈବିକ ସମ୍ବଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
3. ଭାରତରେ ଜୈବିକ ସମ୍ବଳର ବିତରଣ ସମ୍ବନ୍ଧରେ ଏକ ସମ୍ୟକ୍ ବିବରଣୀ ପ୍ରଦାନ କର ।
4. ଅଜୈବିକ ସମ୍ବଳର ବିତରଣ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
5. ସମ୍ବଳ ବିନିଯୋଗ କହିଲେ କ'ଣ ବୁଝ ? ଏହା କିପରି ସଂସ୍କୃତି ସହ ଜଡ଼ିତ ବୁଝାଅ ।
6. ଭାରତରେ ସମ୍ବଳ ବିନିଯୋଗର ବିସ୍ତାର ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
7. 'ସମ୍ବଳ ସଂରକ୍ଷଣ' କହିଲେ କ'ଣ ବୁଝ ? ସମ୍ବଳ ସଂରକ୍ଷଣ ବିଭିନ୍ନ ପଦ୍ଧତି ଗୁଡ଼ିକ ବର୍ଣ୍ଣନା କର ।



ଟିପ୍ପଣୀ

୪. ପ୍ରାକୃତିକ ସମ୍ବଳ ସଂରକ୍ଷଣ ପାଇଁ ସରକାରଙ୍କ ଦ୍ୱାରା ଘୋଷିତ ପ୍ରମୁଖ ନୀତି ଓ ଯୋଜନା ଗୁଡ଼ିକ ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର

### 19.1

1. ମନୁଷ୍ୟର ଆବଶ୍ୟକତା ପୂରଣ କରୁଥିବା ସମ୍ବଳଗୁଡ଼ିକ ପ୍ରକୃତି ଦତ୍ତ ଉପହାର ।
2. (କ) ଜୈବ (ଖ) ଅଜୈବ
3. ଜଙ୍ଗଲ, ଶସ୍ୟ, ପକ୍ଷୀ, ପଶୁ ଓ ମତ୍ସ୍ୟ
4. ଭୂମି, ଜଳ ଓ ଖଣିଜ ପଦାର୍ଥ
5. କୋଇଲା ଓ ଖଣିଜ ତୈଳ

### 19.2

1. ପ୍ରାୟ 23%
2. ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ହରିୟାନା
3. କାରଣ ବିସ୍ତୃତ ଜଳବାୟବିକ ପାର୍ଥକ୍ୟ, ପ୍ରଚୁର ଖରା ଓ ଦୀର୍ଘ ଶସ୍ୟ ଉତ୍ପନ୍ନକାରୀ ଋତୁ ଧାନ, ଗହମ, ମାଣ୍ଡିଆ, ଯଅ ଇତ୍ୟାଦି
4. ପ୍ରାୟ 75,000 ପ୍ରଜାତି
5. ମଇଁଷି ସଂଖ୍ୟା – 57%

   ଗାଈ-ଗୋରୁ ସଂଖ୍ୟା – 15%
6. ମହାସାଗରୀୟ ମାଛ ଚାଷ, ମଧୁର ଜଳ ମାଛଚାଷ, ଉପକୂଳୀୟ ମାଛ ଚାଷ, ମୁକ୍ତ ଚାଷ

### 19.3

1. ସପ୍ତମ
2. 117 ସେ.ମି.
3. ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର
4. ଝାଡ଼ଖଣ୍ଡ, ଓଡ଼ିଶା ଓ ଛତିଶଗଡ଼

### 19.4

1. ମନୁଷ୍ୟ ତାର ଆବଶ୍ୟକତା ପୂରଣ ପାଇଁ ପରିବେଶକୁ ବ୍ୟବହାର କରୁଛି । ଏହାକୁ 'ସମ୍ବଳ ବିନିଯୋଗ' କହନ୍ତି ।
2. ମୃତ୍ତିକା କ୍ଷୟ, ଜଙ୍ଗଲ କ୍ଷୟ, ଅତ୍ୟଧିକ ଚାରଣ, ଅରଣ୍ୟର ବେଖାତିର ପରିଚାଳନା
3. ପ୍ରାୟ 37%
4. ୩୭%

**19.5**

1. ପ୍ରାକୃତିକ ସମ୍ବଳର ସୁଚିନ୍ତିତ ତଥା ସୁବିନିଯୋଗ
2. ସମ୍ବଳ ହ୍ରାସ
3. ସିଞ୍ଚା ଓ ବୁନ୍ଦା ସେଚନ
4. ସୋପାନ ପ୍ରଣଳୀ ଚାଷ
5. ବନୀକରଣ, ଅପରିପକ୍ୱ ତଥା ଯୁବବୃକ୍ଷ ହଣା ବନ୍ଦ କରିବା
6. ସୌର, ପବନ, ଜୁଆର

**19.6**

1. 1988 ମସିହା
2. 1987 ମସିହା
3. ପରିବେଶ ମୁଦ୍ରିତା ତଥା ପରିବେଶ ସୁରକ୍ଷା ପ୍ରଦାନକାରୀ କୃଷିପ୍ରଣାଳୀ : ବାୟୋଟେକ୍ ଓ ନେନୋଲୋଜି ପରି ପଦ୍ଧତି ବ୍ୟବହାର ଦ୍ୱାରା ।

## ପାଠାନ୍ତ ପ୍ରଶ୍ନ ପାଇଁ ସଂକେତ

1. ମନୁଷ୍ୟ ଆବଶ୍ୟକତା ପୂରଣ କରୁଥିବା ସମ୍ବଳଗୁଡ଼ିକ ପ୍ରକୃତିଦତ୍ତ ଉପହାର ।
   (i) ସମ୍ବଳ କୌଣସି ଦେଶର ଅର୍ଥନୈତିକ ମେରୁଦଣ୍ଡକୁ ସୃଷ୍ଟିକରେ ।
   (ii) ସେମାନେ ପ୍ରାକୃତିକ ପରିବେଶ ସୃଷ୍ଟିକରନ୍ତି ଯାହା ମନୁଷ୍ୟର ସ୍ଥିତି ଓ ବିକାଶ ପାଇଁ ଅତ୍ୟାବଶ୍ୟକ ।
   (iii) ସମ୍ବଳ ବିନିଯୋଗ କରି ମଣିଷ ନିଜପାଇଁ ଘରଦ୍ୱାର, କୋଠାବାଡ଼ି, ପରିବହନ ଓ ଯୋଗାଯୋଗର ମାଧ୍ୟମ ତିଆରି କରିଛି ।
2. 19.2 ଅନୁଚ୍ଛେଦକୁ ଦେଖ ।
3. 19.3 ଅନୁଚ୍ଛେଦକୁ ଦେଖ ।
4. 19.4 ଅନୁଚ୍ଛେଦକୁ ଦେଖ ।
5. 19.5 ଅନୁଚ୍ଛେଦକୁ ଦେଖ ।
6. 19.6 ଅନୁଚ୍ଛେଦକୁ ଦେଖ ।
7. 19.7 ଓ 19.8 ଅନୁଚ୍ଛେଦକୁ ଦେଖ ।
8. 19.9 ଅନୁଚ୍ଛେଦକୁ ଦେଖ ।